# Akashvani, Sambalpur

## SAMBALPURI NEWS EVENING BULLETIN

## 2 January 2025- 7.02 pm- 7.12 pm.

*******************************************

୧- ଓଡ଼ିଶାର୍ ନୂଆଁ ରାଜ୍ୟପାଲ୍ ଭାବେ ଆଏବା କାଏଲ୍ ଶପଥ୍ ଗ୍ରହଣ୍ କର୍‌ବେ ହରିବାବୁ କମ୍ଭମପତି ।

୨- ସ୍ୱାଧୀନତା ସଂଗ୍ରାମୀ ମାନ୍‌କର୍ ଭତା ବଢ଼ାଲେ ରାଜ୍ୟସର୍‌କାର୍ ।

୩- କେନ୍ଦ୍ର ଯୁବବ୍ୟାପାର୍ ଆଉ କ୍ରୀଡ଼ା ମନ୍ତ୍ରଣାଳୟ ତର୍‌ଫୁ ଘୋଷ୍‌ନା କରାଯାଇଛେ ଜାତୀୟ କ୍ରୀଡ଼ା ପୁରସ୍କାର୍ - ୨୦୨୪ ।

ଆଉର୍

୪- ହକି ଇଣ୍ଡିଆ ଲିଗ୍ ନ ରାଉର୍‌କେଲା ଠାନେ ଆଏଜ୍ ରାତି ସୁର୍‌ମା ହକି କ୍ଲବ୍ ଆର୍ ୟୁପି ରୁଦ୍ରାସ୍ ଭିତ୍‌ରେ ହେବା ଖେଲ୍ ।

## ନୂଆଁ ରାଜ୍ୟପାଲ୍ ଶପଥ୍ ହି.ସ.

ରାଜ୍ୟର୍ ନୂଆଁ ରାଜ୍ୟପାଲ୍ ହରିବାବୁ କମ୍ଭମ୍ପତି ଆଏଜ୍ ଓଡ଼ିଶା ପୁହୁଁଚିଛନ୍ । ଆଏଜ୍ ଉପର୍‌ବେଲା ବିଜୁ ପଟ୍ଟନାୟକ୍ ଆନ୍ତର୍ଜାତୀୟ ବିମାନ୍ ବନ୍ଦର୍ ଠାନେ ସେ ପୁହୁଁଚିଲା ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କୁ ଭବ୍ୟ ସ୍ୱାଗତ୍ ଜନେଇଛନ୍ । ଇତାର୍‌ଉତ୍‌ରୁ ସେ ପୁରୀ ଯାଇକରି ଶ୍ରୀଜୀଉଙ୍କର୍ ଦର୍ଶନ୍ କର୍‌ବାର୍ ଉତ୍‌ରୁ ସିଂହଦୁଆର୍ ସମ୍ମୁଖ୍‌ନ ତାଙ୍କୁ ସ୍ୱାଗତ୍ କରାଯାଇଥିଲା । ପୁରୀ ଜିଲ୍ଲାପାଲ୍, ଏସ୍.ପି. ମନ୍ଦିର୍ ପ୍ରଶାସନ୍ ଅଧିକାରୀ ଆର୍ ସେବାୟତ୍‌ମାନେ ତାଙ୍କୁ ସ୍ୱାଗତ୍ କରିଥିଲେ । ଆଏଜ୍ ରାତି ପୁରୀ ରାଜ୍‌ଭବନ୍ ଠାନେ ବିଶ୍ରାମ୍ ନେବେ ଆଉ ଆଏବା କାଏଲ୍ ସଖାଲର୍ ୧୦ ବାଜିକରି ୧୫ ମିନିଟ୍‌ଥି ଭୁବ୍‌ନେଶ୍ୱର୍ ରାଜ୍‌ଭବନ୍‌ର ନ୍ୟୁ ଅଭିଷେକ୍ ହଲ୍ ଠାନେ ଆୟୋଜିତ୍ ହେବାର୍‌କେ ଥିବା ସ୍ୱତନ୍ତ୍ର ଶପଥ୍ ଗ୍ରହଣ୍ ସମାରୋହଥି ଶ୍ରୀ କମ୍ଭମ୍ପତି ରାଜ୍ୟର୍ ନୂଆଁ ରାଜ୍ୟପାଲ୍ ଭାବେ ପଦ ଆର୍ ଗୋପନୀୟତାର୍ ଶପଥ୍ ଗ୍ରହଣ୍ କର୍‌ବେ । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ତାଙ୍କୁ ଶପଥ୍ ପାଠ କରାବେ ।

## ସ୍ୱାଧୀନତା ସଂଗ୍ରାମୀ- ଭତା ବୃଦ୍ଧି ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍କାର୍ ଆଏଜ୍ ସ୍ୱାଧୀନତା ସଂଗ୍ରାମୀମାନ୍କର୍ ଭତା ବୃଦ୍ଧି ବାବ୍‌ଦେ ଘୋଷ୍ନା କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସ୍ୱାଧୀନତା ସଂଗ୍ରାମୀ ଦିବସ୍ ଅବ୍‌ସରେ କହିଛନ୍, ବନ୍ଦୀ ଜୀବନ୍ ବିତେଇଥିବା ସ୍ୱାଧୀନତା ସଂଗ୍ରାମୀମାନ୍କର୍ ଭତା ୧୦ ହଜାର୍ ଟଙ୍କାନୁ ୨୦ ହଜାର୍ ଟଙ୍କାକେ ବଢ଼ାଯାଇଛେ । ସେନ୍ତା ଜେଲ୍ ନାଇଁ ଯାଇଥିବାର୍ ସଂଗ୍ରାମୀମାନ୍କର୍ ଭତାକେ ୯ ହଜାର୍ ଟଙ୍କାନୁ ୧୫ ହଜାର୍ ଟଙ୍କାକେ ବଢ଼ାଯାଇଛେ । ସେଆଡ଼େ ଜାତୀୟ ଭତା ପାଉଥିବା ସ୍ୱାଧୀନତା ସଂଗ୍ରାମୀମାନ୍କର୍ ପେନ୍‌ସନ୍‌କେ ୮ ହଜାର୍ ଟଙ୍କାନୁ ୧୦ ହଜାର୍ ଟଙ୍କାକେ ବଢ଼ାଯାଇଛେ । ଇତାର୍‌ସହେତେ ମିଶା ଆଇନ୍‌ଥି ଜରୁରୀକାଲୀନ୍ ପରିସ୍ଥିତିଥି ଗିରଫ୍ ହେଇଥିବା ସଂଗ୍ରାମୀମାନ୍କୁ ମାସ୍‌କ ୨୦ ହଜାର୍ ଟଙ୍କା ପେନ୍‌ସନ୍ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ଘୋଷ୍ନା କରିଛନ୍ ।

## କେନ୍ଦ୍ର କେବିନେଟ୍ ବୈଠକ୍-ଚାଷୀ

କଲାହାଣ୍ଡି ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା କେନ୍ଦ୍ର କେବିନେଟ୍‌ର ଇ ବଛରର୍ ପହେଲା ବୈଠକ୍ ନ ଚାଷୀମାନ୍କର୍ ଲାଗି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛେ । ଇଥି ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନାକେ ୨୦୨୫-୨୬ ତକ୍ ଜାରି ରଖ୍‌ବାର୍‌କେ ଅନୁମୋଦନ୍ ମିଲିଛେ । ଇତାର୍‌ଛଡ଼ା

ବୈଠକ୍‌ର ନିଷ୍ପତି ଅନ୍‌ସାରେ ଡିଏପି ସାର୍ ଉପ୍‌ରେ ଅତିରିକ୍ତ ୩ ହଜାର୍ ୮ ଶହ ୫୦ କୋଟି ଟଙ୍କାର୍ ସବ୍‌ସିଡ଼ିକେ ମଞ୍ଜୁରୀ ମିଲିଛେ । ୫୦ କିଲୋଗ୍ରାମ୍ ଡିଏପି ସାର୍ ବସ୍ତା ପିଛା ୧ ହଜାର୍ ୩ ଶହ ୫୦ ଟଙ୍କାଥି ମିଲ୍‌ବା ।

ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟାଠାନୁ ମୁଲ୍ କରିକରି ସେମାନ୍‌କୁ କ୍ଷତିପୂରଣ୍ ଆର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଡିଜିଟାଲ୍ ପ୍ରକ୍ରିୟାକରଣ୍ କରାଯିବାର୍ ନେଇକରି ନିଷ୍ପତି ନିଆଯାଇଛେ । ଇଥିର୍‌ଲାଗି ଫଣ୍ଡ୍ ଫର୍ ଇନୋଭେସନ୍ ଏଣ୍ଡ୍ ଟେକ୍ନୋଲୋଜି ଜରିଏ ୮ ଶହ କୋଟି ଟଙ୍କାର୍ ସହାୟତା ଟଙ୍କା ବ୍ୟବସ୍ଥା କରାଯିବା । ଇ ବାବ୍‌ଦେ କଲାହାଣ୍ଡିର୍ ଝନେ ଚାଷୀ ନିଜର୍ ଖୁସି ଜାହିର୍ କରିକରି କହିଛନ୍....

(ଭଏସ୍ ଓଭର୍-ଚାଷୀ)

ଗ୍ରାଚୁଇଟି ବୃଦ୍ଧି- ମୁଖ୍ୟମନ୍ତ୍ରୀ    ସିଏମ୍‌ଓ

ରାଜ୍ୟ ସର୍‌କାର୍ ଅନୁଦାନ୍ ପ୍ରାପ୍ତ ବିଦ୍ୟାଳୟ ଆଉ ମହାବିଦ୍ୟାଳୟମାନ୍‌କର୍ ଶିକ୍ଷକ୍ ଆର୍ କର୍ମଚାରୀଙ୍କର୍ ଗ୍ରାଚୁଇଟିକେ ୫ ଲାଖ୍‌ନୁ ସାଢ଼େ ୭ ଲାଖ୍ ଟଙ୍କାକେ ବଢ଼େଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅନୁମୋଦନ୍ ଉତ୍‌ରୁ ରାଜ୍ୟର୍ ସର୍‌କାରୀ ଅନୁଦାନ୍ ପ୍ରାପ୍ତ ବିଦ୍ୟାଳୟ ଆଉ ମହାବିଦ୍ୟାଳୟର୍ ଶିକ୍ଷକ୍ ଆର୍

ଅଣଶିକ୍ଷକ୍ କର୍ମଚାରୀମାନ୍‌କର୍ ମୃତ୍ୟୁ ଆର୍ ଅବସରକାଳୀନ ଗାଚୁଇଟି ବଢ଼ିଛେ ।

ପ୍ରବାସୀ ଭାରତୀୟ ଦିବସ ଆର୍‌ଏନ୍‌ୟୁ କଟକ୍

ଭୁବ୍‌ନେଶ୍ୱର୍ ଜନତା ମଇଦାନ୍‌ଠାନେ ଆଏବା ୮ ନୁ ୧୦ ତାରିଖ୍‌ତକ୍ ହେବାର୍‌କେ ଥିବା ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍ ସମାରୋହଥି ଦେଶ୍ ବିଦେଶ୍‌ନୁ ୭ ହଜାର୍‌ନୁ ଅଏତ୍‌କା ଅତିଥି ଯୋଗ୍ ଦେବେ । ବାହାରୁ ଆସିଥିବା ଅତିଥିମାନ୍‌କୁ ରାଜ୍ୟର୍ ସଂସ୍କୃତି ଆର୍ ଐତିହ୍ୟ ବାବ୍‌ଦେ ଜନାବାର୍ ଲାଗି ସ୍ୱର୍ଣ୍ଣ ତ୍ରିଭୂଜର୍ ୩୧ ଟା ଜାଗା ପରିଦର୍ଶନ୍ କାର୍ଯ୍ୟସୂଚୀ ରହିଛେ । ପ୍ରବାସୀ ଭାରତୀୟମାନ୍‌କର୍ ଲାଗି ଭୁବ୍‌ନେଶ୍ୱର୍ ଠାନେ ୫ ଟା ଡବଲ୍ ଡେକର୍ ବସ୍ ଚଲାଚଲ୍‌ର ବ୍ୟବସ୍ଥା କରାଯାଉଛେ ବଲି ଗୃହ ଆର୍ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚ୍‌ନା ଦେଇଛନ୍ । ଆଏବା ୬ ତାରିଖ୍ ଇ ବସ୍ ଲୋକାର୍ପଣ୍ କରାଯିବା । ସମ୍ମିଳନୀର୍ ପ୍ରସ୍ତୁତି ବାବ୍‌ଦେ ମନ୍ତ୍ରୀ ଶ୍ରୀ ମହାପାତ୍ର ଆଏଜ୍ କ୍ଷେତ୍ରୀୟ ସମୀକ୍ଷା କରିଛନ୍ । ଭିନ୍ ଭିନ୍ ଠାନ୍ ପରିଦର୍ଶନ୍ କର୍‌ବାର୍ ସହେତେ ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ପ୍ରବାସୀ ଭାରତୀୟଙ୍କର୍ ଲାଗି ଗୃହ ବିଭାଗ୍ ତର୍‌ଫୁ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ ଖୁଲାଯାଇଛେ ।

ଜାତୀୟ କ୍ରୀଡ଼ା ପୁରସ୍କାର୍        ପି.ଆଇ.ବି.

କେନ୍ଦ୍ର ଯୁବବ୍ୟାପାର୍ ଆଉ କ୍ରୀଡ଼ା ମନ୍ତ୍ରଣାଳୟ ତର୍ଫୁ ଆଏଜ୍ ଜାତୀୟ କ୍ରୀଡ଼ା ପୁରସ୍କାର୍ -୨୦୨୪ ଘୋଷ୍ନା କରାଯାଇଛେ । ରାଷ୍ଟ୍ରପତି ଭବନ୍ ନ ଆଏବା ୧୭ ତାରିଖ୍ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱତନ୍ତ୍ର ସମାରୋହଥି କ୍ରୀଡ଼ାବିତ୍ମାନ୍କୁ ପୁରସ୍କାର୍ ଦେବେ । ଇଥର ଚେସ୍ ଲାଗି ଗୁକେସ୍ ଡି., ହକି ଲାଗି ହରମନ୍ପ୍ରିତ୍ ସିଂ , ପାରା ଏଥ୍ଲେଟିକ୍ସ ଲାଗି ପ୍ରବୀଣ୍ କୁମାର୍, ସୁଟିଂ ଲାଗି ମାନୁ ଭାକର୍ଙ୍କୁ ମେଜର୍ ଧ୍ୟାନ୍ଚାନ୍ଦ୍ ଖେଲ୍ରତ୍ନ ପୁରସ୍କାର୍ ୨୦୨୪ ଲାଗି ମନୋନୀତ୍ କରାଯାଇଛେ । ସେନ୍ତା କ୍ରୀଡ଼ାକ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ୩୨ ଝନ୍କୁ ଅର୍ଜୁନ୍ ପୁରସ୍କାର୍ ଦିଆଯିବା । ଇତାର୍ଛଡ଼ା ୩ ଝନ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର୍ ଲାଗି ମନୋନୀତ୍ କରାଯାଇଛେ ।

ଆଭା କାର୍ଡ୍          ହି.ସ.

ରାଏଜେ ଖୋବ୍ ଜଲ୍ଦି ନେସ୍ନାଲ୍ ଡିଜିଟାଲ୍ ହେଲ୍ଥ ମିଶନ୍ କାର୍ଯ୍ୟକାରୀ ହେବା ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଜାତୀୟ ସ୍ୱାସ୍ଥ୍ୟ

କର୍ତୃପକ୍ଷଙ୍କର୍ ଅଧୀନ୍‌ଥି ଗୁଟେ କାର୍ଡ୍ ବନାଯାଇକରି ହିତାଧିକାରୀମାନ୍‌କର୍ ସ୍ୱାସ୍ଥ୍ୟ ସମ୍ବନ୍ଧିତ୍ ସବୁ ତଥ୍ୟ ଏକ୍ଠନିଆ ରଖାହେବା । ଆୟୁଷ୍ମାନ୍ ଭାରତ୍ ହେଲ୍‌ଥ ଏକାଉଂଟ୍- ଆଭା ନାଁଥି ହେଇଥିବା ଇ କାର୍ଡ୍‌ର କ୍ୟୁଆର୍ କୋଡ୍‌କେ ସ୍କେନ୍ କଲେ ସ୍ୱାସ୍ଥ୍ୟ ସମ୍ବନ୍ଧିତ୍ ସବୁ ତଥ୍ୟ ସହଜ୍‌ଥି ମିଲିପାର୍‌ବା । ଇଥିର୍‌ଲାଗି ଅନ୍‌ଲାଇନ୍‌ଥି ଆବେଦନ୍ କର୍‌ବାର୍‌କେ ପଡ଼୍‌ବା । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଦେଇକରି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍...
(ଭଏସ୍ ଓଭର୍- ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍)

ସଡ଼କ୍ ସୁରକ୍ଷା ମାସ ଦେବ୍‌ଗଡ୍/ସମ୍ବଲ୍‌ପୁର୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ଆଂଚଲିକ୍ ପରିବହନ୍ ବିଭାଗ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗଲାକାଏଲ୍‌ନୁ ଆଏବା ୩୧ ତାରିଖ୍‌ତକ୍ ସଡ଼କ୍ ସୁରକ୍ଷା ମାସ୍ ପାଲନ୍ ହେଉଛେ । ଇ ଅବ୍‌ସରେ ଗୁଟେ ସଚେତନତା ରଥକେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍ ଶାଗୁଆ ପତାକା ଦେଖେଇକରି ଶୁଭାରମ୍ଭ କରିଛନ୍ । ଇ ରଥ ସହର୍ ଆର୍ ବ୍ଲକ୍‌ର ଭିନ୍ ଭିନ୍ ଜାଗା ବୁଲିକରି ସଡ଼କ୍ ସୁରକ୍ଷା ବାବ୍‌ଦେ ଲୋକ୍‌ମାନ୍‌କୁ ସଚେତନ୍ କରାବା ।
ସେଆଡ଼େ ସଡ଼କ୍ ସୁରକ୍ଷା ସଚେତନତା ସପ୍ତାହ ପାଲନ୍ ଅବ୍‌ସରେ ସମ୍ବଲ୍‌ପୁର୍ ଅଇଁଠାପାଲି ଠାନେ ସଡ଼କ୍ ସୁରକ୍ଷା ସଚେତନତା ରଥକେ ଶୁଭାରମ୍ଭ କରାଯାଇଛେ । ଇ

ଅବ୍‌ସରେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବନ୍ଦର୍ ଆର୍ ଏସ୍.ପି. ମୁକେଶ୍ କୁମାର୍ ଭାମୁ ଯୋଗ୍ ଦେଇକରି ଇତାକେ ଶୁଭାରମ୍ଭ କରିଛନ୍ । କଲାକାର୍‌ମାନେ ଭିନ୍ ଭିନ୍ ବେଶ ହେଇକରି ଲୁକ୍‌କୁ ସଡ଼କ୍ ସୁରକ୍ଷା ନିୟମାବଳୀ ବାବ୍‌ଦେ ସଚେତନ୍ କରେଇଥିଲେ ।

ବର୍‌ଗଡ଼୍ ଧନୁଯାତ୍ରା ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍ ଆଏବା କାଏଲ୍‌ଠାନୁ ମୁଲ୍ ହେଉଛେ । ଇଥିର୍‌ଲାଗି ସାରା ସହର୍ ଚଲ୍‌ଚଂଚଲ୍ ହେଇଉଠିଛେ । ହାଟ୍‌ପଦା ଠାନେ ରାଜ୍‌ଦର୍‌ବାର୍ ଆର୍ ନିଶାମଣି ହାଇସ୍କୁଲ୍ ପଡ଼ିଆଠାନେ ଭବ୍ୟ ରଙ୍ଗମହଲ୍ ତିଆର୍ ହେଇଛେ । ବର୍‌ଗଡ଼୍ ସହର୍ ପ୍ରବେଶ୍ ପଥ ନ ଗୁଟେ ସ୍ଥାୟୀ ତୋରଣ୍‌କେ ବର୍‌ଗଡ଼୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ ଉଦ୍‌ଘାଟନ୍ କରିଛନ୍ । ଆଏବା କାଏଲ୍ ସଖାଲ୍‌ବେଳେ ସାଂସ୍କୃତିକ୍ ଶୋଭାଯାତ୍ରା ସହେତେ ୭୭ ନମ୍ବର୍ ବର୍‌ଗଡ଼୍ ଧନୁଯାତ୍ରା ମୁଲ୍ ହେବା ।

ଆଦିବାସୀ ମେଳା ହି.ସ.

ଭୁବ୍‌ନେଶ୍ୱର୍ ଠାନେ ଆଏବା ୫ ତାରିଖ୍‌ନୁ ଆଦିବାସୀ ମେଳାର୍ ଆୟୋଜନ୍ କରାଯିବା । ଅନୁସୂଚିତ ଜନଜାତି ଆଉ ଅନୁସୂଚିତ ଜାତି ଉନ୍ନୟନ ଆର୍ ସଂଖ୍ୟାଲଘୁ ପଛୁଆ ବର୍ଗ କଲ୍ୟାଣ୍ ବିଭାଗ୍ ତର୍‌ଫୁ ଇ ବଛର୍ ଆଦିବାସୀ ମେଳାକେ ସ୍ୱତନ୍ତ୍ର ଭାବେ ପ୍ରବାସୀ ଭାରତୀୟ ଦିବସ୍‌କେ ନଜର୍‌ଥି ରଖିକରି ଆୟୋଜନ୍ କରାଯାଉଛେ । ସହର୍ ନ ଆଦିବାସୀ ଗାଁ, ଆଦିବାସୀ ହାଟ୍, ଜନଜାତି ମାନ୍‌କର୍ ଖାନାପିନା, ଖାସ୍ ବିର୍ସାମୁଣ୍ଡା ପାଭିଲିଅନ୍ ବାଗିର୍ ଭିନ୍ ଭିନ୍ ଜିନିଷ୍‌କେ ଇ ବଛର୍ ଆଦିବାସୀ ମେଳାଥି ଠାନ୍ ଦିଆଯାଉଛେ । ଇହାଦେ ଇସବୁର ନିର୍ମାଣ କାମ୍ ଜୋର୍‌ସୋର୍ ଚାଲିଛେ ।

ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍ ଆଏବା ୪ ତାରିଖ୍‌ନୁ ମୁଲ୍ ହେବା । ୬ ତାରିଖ୍‌ତକ୍ ଇ ମହୋତ୍ସବ୍ ହେବାର୍‌କେ ଥିବାର୍ ବେଲେ ୭ ଆର୍ ୮ ତାରିଖ୍ ଦିନ ୟୁଥ୍ ପେଷ୍ଟିଭାଲ୍ ଭିଲ୍ ହେବା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇତାକେ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ପଲ୍ଲିଶ୍ରୀ ମେଳା ଆର୍ ଫଟୋଚିତ୍ର ପ୍ରଦର୍ଶନୀ ଭିଲ୍ ହେବା । ଇତାର୍‌ଛଡ଼ା ୭ ଆଉ ୮ ତାରିଖ୍ ହେବାର୍‌କେ ଥିବା ୟୁଥ୍ ଫେଷ୍ଟିଭାଲ୍‌ଥି ଚଳଚ୍ଚିତ୍ର କଳାକାର୍

ମାନେ ଯୋଗ୍ ଦେବେ ବଲି ପ୍ରଶାସନ୍ ତରଫୁ ସୂଚ୍ନା ଦିଆଯାଇଛେ ।

ବୌଦ୍ଧ ମହୋତ୍ସବ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଥାପ୍ନା ଦିବସ୍ ଅବ୍ସରେ ବୌଦ୍ଧ ମହୋତ୍ସବ୍ ଆଏଜ୍ଠାନୁ ମୁଲ୍ ହେଇଛେ । ଭଗବାନ୍ ବୁଦ୍ଧଙ୍କର୍ ପୀଠନୁ ସାଂସ୍କୃତିକ୍ ଶୋଭାଯାତ୍ରା ମୁଲ୍ ହେଇଛେ । ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଯୋଗ୍ ଦେଇକରି ଶୋଭାଯାତ୍ରାର୍ ମଶାଲ୍ ପ୍ରଜ୍ବଲନ୍ କରିକରି ଉଦ୍ଘାଟନ୍ କରିଥିଲେ । ଶୋଭାଯାତ୍ରା ସହର୍ ପରିକ୍ରମା କର୍ବାର୍ ଉତ୍ରୁ ମହୋତ୍ସବ୍ ପଡ଼ିଆ ନ ପୁହୁଁଚିଥିଲା । ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକଙ୍କର୍ ସହେତେ ଭିନ୍ ଭିନ୍ ପ୍ରଶାସନିକ୍ ଅଧିକାରୀ ଇଥି ଯୋଗ୍ ଦେଇଥିଲେ । ଆଘୋନୁ ମହୋତ୍ସବ୍ ଲାଗି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଶୁଭ ଖୁଂଟି ଥାପ୍ନା କର୍ବାର୍ ସହେତେ ସାଂସ୍କୃତିକ ପତାକା ଉତୋଲନ୍ କରିଛନ୍ । ଆଏବା ୬ ତାରିଖ୍ତକ୍ ହେବାର୍କେ ଥିବା ଇ ମହୋତ୍ସବ୍ଥି ପଲ୍ଲିଶ୍ରୀ ମେଳାର୍ ଭିଲ୍ ଆୟୋଜନ୍ କରାଯାଇଛେ ।

ହକି ଇଣ୍ଡିଆ ଲିଗ୍ ଆର୍ଏନ୍ୟୁ / ସମ୍ବଲପୁର

ରାଉରକେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ସୁର୍‌ମା ହକି କ୍ଲବ୍ ଆର୍ ୟୁପି ରୁଦ୍ରାସ୍ ଦଲ୍ ଭିତ୍‌ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଆଏଜ୍‌ଠାନୁ ରାତିର୍ ତାପମାତ୍ରା ୨ ନୁ ୪ ଡିଗ୍ରୀ ତକ୍ କମ୍‌ବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଭିନ୍ ଭିନ୍ ଜାଗା ନ ଶୀତ୍ ବଢ଼୍‌ବା । କେତେଟା ଜାଗା ନ ତାପମାତ୍ରା ୧୦ ଡିଗ୍ରୀନୁ ତଲ୍‌କେ ରହେବା । କଲାହାଣ୍ଡି, ବଲାଙ୍ଗିର୍, ସୁବର୍ଣ୍ଣପୁର୍, ଗଜପତି, ଝାର୍‌ସୁଗୁଡ଼ା, କେନ୍ଦୁଝର୍, ନୟାଗଡ଼୍, ସୁନ୍ଦରଗଡ଼୍ ଜିଲ୍ଲାର୍ ଗୁଟେ, ଜୁଡ଼େ ଜାଗା ନ କୁହୁଡ଼ି ହେବାର୍ ସମ୍ଭାବନା ରହିଛେ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।